**ଅବକାରୀ ଚଢ଼ାଉ, ୧୬ ଗିରଫ**

ଛତ୍ରପୁର/ବୁଗୁଡ଼ା,(ଡି.ଏନ୍.ଏ.): ଗଞ୍ଜାମ ଜିଲାରେ ଚୋରା ମଦ କାରବାର ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଏଥିପାଇଁ ଗଠିତ ସ୍ୱତନ୍ତ୍ର ସ୍କ୍ୱାର୍ଡ ବୁଲୁଛି। ସ୍କ୍ୱାର୍ଡରେ ତହସିଲାଦରଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପୋଲିସ, ଅବକାରୀ ବିଭାଗ କର୍ମଚାରୀ ଅଛନ୍ତି। ଜିଲାର ବୁଗୁଡା ଓ ଖଲ୍ଲିକୋଟ ଅଞ୍ଚଳରୁ ମୋଟ ୨୨,୫୭୦ ଲିଟର ମଦ ଓ ସ୍ପିରିଟ୍ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୧୬ ଜଣଙ୍କୁ ଗିରଫ କରାଯାଇଥିବା ସମ୍ପର୍କରେ ରବିବାର ସନ୍ଧ୍ୟାରେ ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କନ୍ଧମାଳରେ ସଂକ୍ରମିତଙ୍କ ସଂଖ୍ୟା ୬୧୬

**ଫୁଲବାଣୀ ଅଫିସ, ୨।୮:** କନ୍ଧମାଳ ଜିଲାରେ ରବିବାର ଜିଲାରେ ପୁଣି ୪୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧରେ ୧୨ ମହିଳା ଓ ୩୨ ଜଣ ପୁରୁଷ। ଫୁଲବାଣୀରେ ୫ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜି.ଉଦୟଗିରିରେ ୫, ଦାରିଙ୍ଗିବାଡିରେ ୧, ଚକାପାଦରେ ୭, କୋଟଗଡ଼ରେ ୯, ତୁମୁଡିବନ୍ଧରେ ୭, ରାଇକିଆରେ ୨ ଓ ବାଲିଗୁଡ଼ାରେ ୮ ଜଣ ଚିହ୍ନଟ ହୋଇଛନ୍ତି। ଏହି ନୂଆ ପଜିଟିଭ୍‌ଙ୍କୁ ମିଶାଇଲେ ଜିଲାରେ ଏ ପର୍ଯ୍ୟନ୍ତ ୬୧୬ ଜଣ ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧରୁ ୩୩୩ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ୨ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟମାନେ ଚିକିତ୍ସାଧୀନ ଅଛନ୍ତି। ସେପଟେ ଫୁଲବାଣୀ ସହରକୁ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଥିବାରୁ ଲୋକେ ଅତିଷ୍ଠ ହୋଇପଡିଲେଣି। ଯଥାଶୀଘ୍ର ଏହାକୁ ହଟାଇବାକୁ ଦାବି ହେଉଛି।

### ବ୍ରାହ୍ମଣୀ ଗାଁ ହେଲା କଣ୍ଟେନ୍‌ମେଣ୍ଟ ଜୋନ୍

**ଦାରିଙ୍ଗବାଡ଼ି,୨।୮(ଡି.ଏନ୍.ଏ.):** ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ଅଞ୍ଚଳର ଜଣେ ୩୫ ବର୍ଷୀୟ ଯୁବକ କରୋନା ଆକ୍ରାନ୍ତ ହୋଇଛନ୍ତି। ସେ ଦୀର୍ଘଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ରହି କାର୍ଯ୍ୟ କରୁଥିଲେ। ଅନ୍ୟପକ୍ଷରେ ବ୍ରାହ୍ମଣୀଗାଁରେ ଶନିବାର ୨ ପଜିଟିଭ ଚିହ୍ନଟ ପରେ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପ୍ରଶାସନ ରବିବାର ଏହାକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛି। ବ୍ରାହ୍ମଣୀଗାଁର ଧରମ ସାହି ସମେତ ବଟପଲ୍ଲି ସାହି, ବଡସାହି, କମ୍ଯୁ କଲୋନୀ, ଖଣ୍ଡିଆ ସାହି, ହରିଜନ ସାହି, ଓଡିଆ ସାହି, ଏବଂ ବଜାର ସାହିକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଅଲାଞ୍ଜୁରୀ, ଡେଙ୍ଗେସି, ପୋଇଗୁଡ଼ା, ପାର୍ବତିପଡ଼ା, ବାସୁଦେବପୁର ସାହି, କିରାମାହା ଏବଂ ଝିଞ୍ଜିରିଗୁଡ଼ାକୁ ବଫର ଜୋନ୍ ହୋଇଥିବା ତହସିଲଦାର ନୀତିଶ କୁମାର ତ୍ରିପାଠୀ କହିଛନ୍ତି। ବ୍ରାହ୍ମଣୀଗାଁ ଥାନାଧିକାରୀ ରଞ୍ଜିତ କୁମାର ମୁନୀଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରବେଶ ପଥରେ ବ୍ୟାରିକେଡ କରାଯାଇଛି।

### ନିଷିଦ୍ଧାଞ୍ଚଳରୁ ଆସି ପରିବା କିଣୁଛନ୍ତି ଲୋକେ

**ଖଜୁରିପଡ଼ା/ବଲସକୁମ୍ପା, ୨।୮(ଡି.ଏନ.ଏ.):** କନ୍ଧମାଳ ଜିଲାରେ କରୋନା ଆକ୍ରାନ୍ତ ଚିହ୍ନଟ ଅଞ୍ଚଳକୁ ଜିଲାପାଳ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରୁଛନ୍ତି। କିନ୍ତୁ ଗଳାବାଟ ଦେଇ କଣ୍ଟେନ୍‌ମେଣ୍ଟ ଜୋନ୍ ଲୋକେ ବାହାରକୁ ଆସୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ବଲସକୁମ୍ପା ଗ୍ରାମରେ। ବଲସକୁମ୍ପା ଠାରେ ଚାଲୁଥିବା ପରିବା ମାର୍କେଟରେ ବାହାର ପଞ୍ଚାୟତ ବ୍ୟବସାୟୀ ପରିବା ଆଣି ବିକୁଥିବା ବେଳେ ଫୁଲବାଣୀ କଣ୍ଟେନ୍‌ମେଣ୍ଟ ଜୋନ୍‌ର ଲୋକେ ଲୁଚିଛପି ଆସି କିଣାକିଣି କରୁଛନ୍ତି। ସେମାନଙ୍କୁ ଦେଖି ଅଞ୍ଚଳବାସୀ ସଂକ୍ରମଣ ଆଶଙ୍କାରେ ଭୟଭୀତ ହୋଇପଡିଛନ୍ତି। ତେବେ ଖଜୁରିପଡ଼ା ତହସିଲଦାର ସ୍ୱପ୍ନିତା ନାୟକ କହିଛନ୍ତି ତୁରନ୍ତ ଏନେଇ ଦୃଢ଼ ପଦକ୍ଷେପ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବାଲି, ମୋରମ ଚାଲାଣ: ୮ ଟ୍ରକ୍, ଟ୍ରାକ୍ଟର ଜବତ

**ଗୋପାଳପୁର,୨।୮:** ଗୋଳନ୍ଥରା, ଗୋପାଳପୁର ଓ ସଦର ଥାନା ଅଞ୍ଚଳରେ ବେଆଇନ ଭାବେ ଟ୍ରକ ଓ ଟ୍ରାକ୍ଟରରେ ମୋରମ ଏବଂ ବାଲି ଚାଲାଣ ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ରବିବାର ବ୍ରହ୍ମପୁର ସଦର ଏସଡିପିଓ ଜୟନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଚଢ଼ାଉ ହୋଇ ବାଲି ବୋଝେଇ ୨ଟି ଟ୍ରକ, ଗୋଟିଏ ଟ୍ରାକ୍ଟର, ମୋରମ ବୋଝେଇ ୪ଟି ଟ୍ରକ ଓ ଗୋଟିଏ ଟ୍ରାକ୍ଟର ଜବତ କରାଯିବା ସହ ୮ ଚାଳକଙ୍କୁ ଅଟକ ରଖାଯାଇଛି। ଗୋପାଳପୁର ଥାନା ଅନ୍ତର୍ଗତ ରଙ୍ଗେଇଲୁଣ୍ଡାଠାରେ ମୋରମ ନେଉଥିବା ୩ଟି ଟ୍ରକ ଜବତ ହୋଇଥିବା ବେଳେ ଗୋଳନ୍ଥରା ଥାନା ଗୋବିନ୍ଦନଗର ମଶାଣି ନିକଟରୁ ବାଲି ଓ ମୋରମ ବୋଝେଇ ୨ ଟ୍ରାକ୍ଟର ଜବତ କରାଯାଇଛି। ସେହିପରି ସଦର ଥାନା ଅଞ୍ଚଳରୁ ବାଲି ବୋଝେଇ ୨ଟି ଟ୍ରକ ଓ ମୋରମ ବୋଝେଇ ଗୋଟିଏ ଟ୍ରକ ଜବତ କରାଯାଇଛି। ଗାଡ଼ି ଚାଳକମାନେ ଠିକ କାଗଜପତ୍ର ଦେଖାଇ ନ ପାରିବାରୁ ଗୋପାଳପୁର, ଗୋଳନ୍ଥରା ଓ ସଦର ଥାନାରେ ଅଟକ ଅଛନ୍ତି।

# ଭଞ୍ଜନଗର କେନ୍ଦ୍ରରୁ ୪ କୋଟି ଯାଆଁଳ ବିକ୍ରି ଲକ୍ଷ୍ୟ

## ମତ୍ସ୍ୟଚାଷୀଙ୍କୁ ବିନା ସୁଧରେ ଋଣ

**ଭଞ୍ଜନଗର,୨।୮(ଡି.ଏନ୍.ଏ)**

କରୋନା ମହାମାରୀ ଯୋଗୁ ଭଞ୍ଜନଗର ଅଞ୍ଚଳର ମତ୍ସ୍ୟଚାଷୀଙ୍କ ଆର୍ଥିକ ସ୍ଥିତି ଦୋହଲିଯାଇଛି। ଭଞ୍ଜନଗର ଓ ଡହ ଜଳଭଣ୍ଡାର ଉପରେ ନିର୍ଭର କରୁଥିବା ଲୋକଙ୍କ ରୋଜଗାର କମିଛି। ଜଳଭଣ୍ଡାରରେ ପାଣିଭର୍ତ୍ତି ହୋଇଥିବାରୁ ମାଛ ଧରିହେଉନି। ଚାଷୀ ଡଙ୍ଗା ମରାମତି କରିପାରୁନି। ଅନ୍ୟପକ୍ଷରେ ଭଞ୍ଜନଗର ସରକାରୀ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ପ୍ରଥମଥର ପାଇଁ ଚଳିତ ସପ୍ତାହରୁ ଅଙ୍ଗୁଳି (ବଡ଼) ଯାଆଁଳ ବିକ୍ରି ଆରମ୍ଭ ହୋଇଛି। ମାଓବାଦୀ ପ୍ରଭାବିତ ବାଲିମେଳା ଜଳଭଣ୍ଡାର ଉପରେ ନିର୍ଭର କରୁଥିବା ଚାଷୀଙ୍କ ବିକାଶ ପାଇଁ ସେତୁ ଯୋଜନା ହୋଇଛି। ତେଣୁ ଚଳିତବର୍ଷ ୨ କୋଟି ଟଙ୍କାର ଯାଆଁଳ ବାଲିମେଳା ଜଳଭଣ୍ଡାରରେ ଛଡ଼ାଯିବ। ସେଥିମଧ୍ୟରୁ ଭଞ୍ଜନଗର କେନ୍ଦ୍ରରୁ ୪୪ ଲକ୍ଷ ଟଙ୍କାର ଯାଆଁଳ ସେଠାକୁ ଯିବ। ଇତିମଧ୍ୟରେ ପ୍ରାୟ ୧୦ଲକ୍ଷ ଟଙ୍କାର ଯାଆଁଳ ପଠାସରିଲାଣି। ଚଳିତବର୍ଷ ଭଞ୍ଜନଗର କେନ୍ଦ୍ରରୁ ପ୍ରାୟ ୪କୋଟି ଉନ୍ନତ ଧରଣର ଯାଆଁଳ ବିକ୍ରି କରାଯିବା ଲକ୍ଷ୍ୟ ରହିଛି। ରାଜ୍ୟ ସରକାର ମତ୍ସ୍ୟଚାଷୀଙ୍କ ବିକାଶ ଯୋଜନା କରିଛନ୍ତି। ତେଣୁ ମତ୍ସ୍ୟଚାଷୀ ଏବଂ ଜଳଭଣ୍ଡାର, ନଦୀ, ନାଳରେ ମାଛ ଧରି ଜିବୀକା ନିର୍ବାହ କରୁଥିବା ଚାଷୀ ଚିହ୍ନଟ ପ୍ରକ୍ରିୟା ଭଞ୍ଜନଗର ବ୍ଲକରେ ଚାଲିଛି। ଏଣିକି ମତ୍ସ୍ୟଚାଷୀ ଏବଂ ବିଭିନ୍ନ ଜଳଭଣ୍ଡାର, ନଦୀ, ନାଳରୁ ମାଛଧରି ଜିବୀକା ନିର୍ବାହ କରୁଥିବା ଚାଷୀଙ୍କୁ ବିନା ସୁଧରେ ଋଣ ଦିଆଯିବ। ଜଳଭଣ୍ଡାର, ନଦୀ, ନାଳରୁ ମାଛ ଧରୁଥିବା ଜଣେ ଚାଷୀଙ୍କୁ ୭୫୦୦ ଟଙ୍କା ଋଣ ଦିଆଯିବ। ବ୍ୟକ୍ତିଗତ ଭାବେ ନିଜ ଜମିରେ ମାଛଚାଷ କରୁଥିବା ଚାଷୀଙ୍କୁ ଏକର ପିଛା ୬୦ ହଜାର ଟଙ୍କା ଋଣ ଦିଆଯିବ। ଯେଉଁ ଚାଷୀ ଯେତିକି ଏକର ଜମିରେ ମାଛ ଚାଷ କରିଥିବେ, ସେହି ଅନୁପାତରେ ଋଣ ନେଇପାରିବେ। ହେଲେ ପୂର୍ବରୁ ବ୍ୟାଙ୍କ ଋଣ ନେଇ ଅଯୋଗ୍ୟ ହୋଇଥିବା ଚାଷୀଙ୍କୁ ଏହି ସୁବିଧା ମିଳିବନି। ବର୍ଷକୁ ବର୍ଷ ଋଣ ପରିଶୋଧ କଲେ ସୁଧ ଲାଗିବ ନାହିଁ। ୫ବର୍ଷ ପର୍ଯ୍ୟନ୍ତ ଜଣେ ଚାଷୀଙ୍କୁ ଏହି ସୁବିଧା ମିଳିବ। ଏଥିସହ ପୋଖରୀ ଖୋଳିବା ଏବଂ ଘର ଅଗଣାରେ ଥିବା ବଳକା ସ୍ଥାନରେ ମାଛ ଚାଷ ପାଇଁ ସରକାର ନୂଆ ଯୋଜନା କରିଛନ୍ତି। ବହୁତ କମ୍ ଜମିରେ ପାଣି ଓ ବିଦ୍ୟୁତ୍ ସୁବିଧା ଥିଲେ ନୂତନ ଜ୍ଞାନ କୌଶଳରେ ମାଛ ଚାଷ କରିପାରିବେ। ଏଥିପାଇଁ ଖର୍ଚ୍ଚ ହେଉଥିବା ଅର୍ଥର ୬୦ ପ୍ରତିଶତ ସବ୍‌ସିଡି ସରକାର ଦେବେ।


ଚାଷୀ ସୂର୍ଯ୍ୟ ବେହେରା ଜାଲ ତିଆରି କରୁଛନ୍ତି।

**ସେମାନେ କୁହନ୍ତି**

ଚାଷୀଙ୍କ ବିକାଶ ପାଇଁ ସରକାର ଅନେକ ନୂଆ ଯୋଜନା କରିଛନ୍ତି। କରୋନା ମହାମାରୀ ସମୟରେ ଯୋଜନାକୁ ସଫଳ କରିବା ପାଇଁ ପ୍ରୟାସ ଚାଲିଛି।

**- ସରିଫ୍ ଅହମ୍ମଦ, ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ପରିଚାଳକ**

ଘର ଅଗଣାରେ ମାଛ ଚାଷ କରିବା ଏକ ଲାଭଜନକ ଯୋଜନା। ଚଳିତବର୍ଷଠାରୁ ଚାଷୀଙ୍କୁ ବିନା ସୁଧରେ ଋଣ ଦେବା ବ୍ୟବସ୍ଥା କରାଯାଉଛି।

**- ସୁଧାଂଶୁ ସାହୁ, ଭଞ୍ଜନଗର ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ**

ସରକାରଙ୍କ ପକ୍ଷରୁ ସୁବିଧାରେ ଜାଲ ଓ ଡଙ୍ଗା ଯୋଗାଇ ଦିଆଯାଉ। ଏଥିସହ ବ୍ୟାଙ୍କ କିଭଳି ଚାଷୀଙ୍କୁ ଋଣ ଦେବ ସେ ନେଇ ପଦକ୍ଷେପ ନିଆଯାଉ।

**- ସୂର୍ଯ୍ୟ ବେହେରା, ଶ୍ରୀରାମନଗର, ଭଞ୍ଜନଗର**

## କରୋନା ସଂକ୍ରମିତଙ୍କ ଖାଦ୍ୟରୁ ବାହାରିଲା ବିଛା

**ପାରଳାଖେମୁଣ୍ଡି,୨।୮(ସ୍ୱ.ପ୍ର.)**

କରୋନା ସଂକ୍ରମିତଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟରେ ବିଛା ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ବେତାଗୁଡ଼ା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଛି ଏପରି ଖବର। ଶନିବାର ରାତିରେ ଦିଆଯାଇଥିବା ଏକ ଖାଦ୍ୟ ପୁଡ଼ିଆରୁ ମଲା ବିଛା ବାହାରିଥିଲା। ଫଳରେ ଉକ୍ତ କୋଠରିରେ ରହୁଥିବା ଅନ୍ୟ ସଂକ୍ରମିତମାନେ ମଧ ଖାଦ୍ୟ ଖାଇ ନ ଥିଲେ। ତେବେ ଅନ୍ୟ କୋଠରିରେ ରହୁଥିବା କିଛି ଲୋକ ଖାଦ୍ୟ ଖାଇସାରିଥଲେ। ଏନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲା। କିନ୍ତୁ ରାତି ଅଧିକ ହୋଇଥିବାରୁ ସେମାନଙ୍କୁ ଆଉ ଖାଦ୍ୟ ମିଳି ନ ଥିବା ସୂଚନା ମିଳିଛି। ତେବେ ଖାଦ୍ୟରୁ ବିଛା ବାହାରିଥିବା ନେଇ ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଏ ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇପାରିନାହିଁ।

## ଗାଁରେ ପଶିଲା କୁଟୁରା: ବନବିଭାଗକୁ ହସ୍ତାନ୍ତର

**ପାରଳାଖେମୁଣ୍ଡି,୨।୮(ସ୍ୱ.ପ୍ର.)**

ଗଜପତି ଜିଲା ରାୟଗଡ଼ ବ୍ଲକ୍ ଜିରାଙ୍ଗ ଗ୍ରାମବାସୀ ଏକ କୁଟୁରାକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ରବିବାର ଜିରାଙ୍ଗ ଜଙ୍ଗଲରୁ ଏକ କୁଟୁରା କୌଣସି କାରଣରୁ ଗ୍ରାମକୁ ଚାଲି ଆସିଥିଲା। ଗ୍ରାମବାସୀ ଦେଖି କୁଟୁରାକୁ ଧରିବାକୁ ଉଦ୍ୟମ କରିଥିଲେ। କିନ୍ତୁ କୁଟୁରା ଜଣଙ୍କ ଘରେ ପଶିଥିଲା। ପରେ ଭୟରେ ଦୌଡ଼ି କୁଟୁରାଟି ନିକଟସ୍ଥ କୂଅରେ ପଡ଼ିଯାଇଥିଲା। ଗ୍ରାମବାସୀ କୌଣସି ପ୍ରକାରେ ତାକୁ ଉଦ୍ଧାର କରି ରାମଗିରି ବନବିଭାଗକୁ ସୂଚନା ଦେଇଥିଲେ। ବିଭାଗୀୟ ଟିମ୍ ପହଞ୍ଚି କୁଟୁରାକୁ ଉଦ୍ଧାର କରି ଚିକିତ୍ସା କରାଉଥିବା ସୂଚନା ମିଳିଛି। ଏ ବିଷୟରେ ଗଜପତି ବନଖଣ୍ଡ ଅଧିକାରୀ ସଂଗ୍ରାମ ଶେଖର ବେହେରା କହିଛନ୍ତି, ରେଞ୍ଜ କାର୍ଯ୍ୟାଳୟରେ ଚିକିତ୍ସା ଚାଲିଛି। ସୁସ୍ଥ ହେବାପରେ ତାକୁ ବନାଞ୍ଚଳରେ ଛଡ଼ାଯିବ।


ଉଦ୍ଧାର କରାଯାଇଥିବା କୁଟୁରା।


ମୃତଦେହ ଅଟୋରୁ କଢାଯାଉଛି।

## ଅଟୋରେ ବୁହାହେଲା ମୃତଦେହ

### ମହାପ୍ରୟାଣ ଗାଡ଼ି ମିଳିଲାନି

**ରାଇକିଆ,୨।୮(ଡି.ଏନ୍.ଏ.)**

କନ୍ଧମାଳ ଜିଲା ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଣି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଶନିବାର ସକାଳେ ଜଣେ ଯୁବକଙ୍କ ମୃତ୍ୟୁପରେ ମହାପ୍ରୟାଣ ଗାଡି ନ ମିଳିବାରୁ ଅଟୋରେ ପରିବାର ଲୋକେ ମୃତଦେହ ଆଣିଛନ୍ତି।

କ.ନୂଆଗାଁ ବ୍ଲକ ଚାଞ୍ଚେଡି ପଞ୍ଚାୟତ କ୍ରିଟାଙ୍ଗିଆ ଗ୍ରାମର ସିକ୍‌ଲିନ୍ ରୋଗରେ ପୀଡିତ ଅଂଶୁମାନ ନାୟକ ଗୁରୁତର ଅବସ୍ଥାରେ ରାଇକିଆ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଶନିବାର ସକାଳୁ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ନେବାକୁ ମହାପ୍ରୟାଣ ଗାଡି ନ ମିଳିବାରୁ ପରିବାର ଲୋକେ ଅଟୋ ଭଡା କରି ନେଇଥିଲେ। ଅଂଶୁମାନଙ୍କ ବାପା ଅଂଶୁମାନ ମା' ବାପା ଭୁବନେଶ୍ୱରରେ କାମ କରୁଥିବାବେଳେ ପୁଅର ଅସୁସ୍ଥତା ନେଇ ଖବର ପାଇଥିଲେ ମଧ କରୋନା କଟକଣା ଯୋଗୁ ଗାଡି ଚଳାଚଳ ହେଉ ନ ଥିବାରୁ ଘରେ ପହଞ୍ଚି ପାରି ନ ଥିଲେ। ରାଇକିଆ କଣ୍ଟେନ୍‌ମେଣ୍ଟ ଜୋନ୍ ଯୋଗୁ ଗ୍ରାମାଞ୍ଚଳର ବହୁ ରୋଗୀ ମେଡିକାଲ ଆସି ନ ପାରି ହଇରାଣ ହେଉଛନ୍ତି।

## ଗଜପତିରେ ୧୬ଶହ ଛୁଇଁଲା ପଜିଟିଭ ସଂଖ୍ୟା

### ୯୧ ନୂଆ ସଂକ୍ରମିତ ଚିହ୍ନଟ

**ପାରଳାଖେମୁଣ୍ଡି,୨।୮(ସ୍ୱ.ପ୍ର.):** ଗଜପତି ଜିଲାରୁ ୯୧ ନୂଆ ପଜିଟିଭ ଚିହ୍ନଟ ହୋଇଥିବା ରବିବାର ଜିଲାପାଳ ଅନୁପମ ଶାହା ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୧୬୦୦ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧରେ ପାରଳାଖେମୁଣ୍ଡି ସହରାଞ୍ଚଳର ସର୍ବାଧିକ ୩୬ଜଣ, ଗୁମ୍ମା ବ୍ଲକ୍‌ରୁ ୧୯, ଗୋଷାଣୀରୁ ୪, ରାୟଗଡ଼ରୁ ୧୦, କାଶୀନଗରରୁ ୭, ନୂଆଗଡ଼ରୁ ୪ ଏବଂ ମୋହନା ବ୍ଲକ୍‌ରୁ ୧୧ଜଣ ରହିଛନ୍ତି। ଏମାନଙ୍କ ମଧରେ ୭ କରୋନା ଯୋଦ୍ଧା, ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚ ବେଳେ ୫୩ ଏବଂ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୩୧ଜଣ ଚିହ୍ନଟ ହୋଇଛନ୍ତି। ସଂକ୍ରମିତମାନଙ୍କ ବୟସ ୫ ରୁ ୭୨ ବର୍ଷ ମଧରେ ରହିଛି। ସମସ୍ତ ସଂକ୍ରମିତଙ୍କୁ କୋଭିଡ୍ ହସ୍ପିଟାଲ ଏବଂ କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି।

## ବାଇକ୍ ଆରୋହୀଙ୍କ ଠାରୁ ୫୨ ହଜାର ଲୁଟ୍

**ଦିଗପହଣ୍ଡି,୨।୮(ଡି.ଏନ୍.ଏ.)**

ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତା ଜକର ଗ୍ରାମ ନିକଟ ମାଣିକେଶ୍ୱରୀ ମନ୍ଦିର ସମ୍ମୁଖରେ ବାଇକ୍ ଅଟକାଇ ୩ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଠାରୁ ୫୨ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ପାଟପୁର ଥାନା ବାହାଡାଗୁଡା ଗ୍ରାମର ହରିକୃଷ୍ଣ ଜେନା। ଏନେଇ କେ. ନୂଆଗାଁ ଥାନାରେ ନଂ.୧୬୮/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## ଗଜପତି ପ୍ରଶାସନର ନୂଆ ଗାଇଡ୍‌ଲାଇନ

**ପାରଳାଖେମୁଣ୍ଡି,୨।୮(ସ୍ୱ.ପ୍ର.)**

କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଗଜପତି ଜିଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ମାସ ପାଇଁ ନୂଆ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ପ୍ରଶାସନର ନିର୍ଦ୍ଦେଶନାମା ଅନୁଯାୟୀ, ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ଧାର୍ମିକ ସଂସ୍ଥା, ସିନେମା ହଲ, ସପିଂ ମଲ୍, ଅଡିଟୋରିଅମ, ସୁଇମିଂପୁଲ୍ ବନ୍ଦ ରହିବ। ଖବରକାଗଜ ହକରମାନେ ସକାଳ ୫ଟାରୁ ୮ଟା ପର୍ଯ୍ୟନ୍ତ ନିଜ କାର୍ଯ୍ୟ କରିପାରିବେ। ୫୦ ଜଣଙ୍କୁ ନେଇ ବିବାହ ଏବଂ ୨୦ଜଣରେ ଶୁଦ୍ଧକ୍ରିୟା କାର୍ଯ୍ୟ ହୋଇପାରିବ। ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହିବ। ଅଗଷ୍ଟରେ ଶନିବାର ଓ ରବିବାର ଶଟ୍‌ଡାଉନ୍ ବଳବତ୍ତର ରହିବ। ପଡୋଶୀ ଜିଲା ଏବଂ ରାଜ୍ୟକୁ ଯାତାୟାତ ଉପରେ କଟକଣା ଜାରି ରହିବ। ଅନ୍ୟପକ୍ଷରେ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, ସମସ୍ତ ସ୍ୱାସ୍ଥ୍ୟ ସେବା, ପ୍ରାଣୀଧନ ସେବା, ବ୍ୟାଙ୍କ, ବୀମା କମ୍ପାନୀ, ଅଣବ୍ୟାଙ୍କ ଆର୍ଥିକ ସଂସ୍ଥା ଏବଂ ସମବାୟ ସଂସ୍ଥା ଚାଲୁ ରହିବ। ପେଟ୍ରୋଲ ଗ୍ୟାସ, ପାନୀୟ ଜଳ, ବିଦ୍ୟୁତ, ବିଶୋଧନ ଏବଂ ବର୍ଜ୍ୟବସ୍ତୁ ନିୟନ୍ତ୍ରଣ କାର୍ଯ୍ୟ ଜାରି ରହିବ। ୫ତାରିଖରୁ ଯୋଗ କେନ୍ଦ୍ର ଏବଂ ଜିମ୍ ଖୋଲିବ। ଖାଦ୍ୟ, ରାଶନ, ଫଳ, ବ୍ୟାକେରୀ, ମିଠା, ପରିବା, ଦୁଗ୍ଧଜାତୀୟ ସାମଗ୍ରୀ ସକାଳ ୫ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲାରହିବ। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ହୋଇପାରିବ। ଏନ୍‌ଏଚ୍ ପାର୍ଶ୍ୱରେ ଢାବା ଏବଂ ଗ୍ୟାରେଜ ଖୋଲା ରହିବ। କୃଷି, ନିର୍ମାଣ କାର୍ଯ୍ୟ, ଖଣି ଓ ଶିଳ୍ପଭିତ୍ତିକ କାର୍ଯ୍ୟ ଚାଲିବ।

## ପରକୀୟା ପ୍ରୀତିରୁ ସ୍ତ୍ରୀ ଦ୍ୱାରା ଡକାଇ ହତ୍ୟା

### ଯୁବକଙ୍କୁ ହତ୍ୟା ଘଟଣା

**ସୋରଡା,୨।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସୋରଡା ବ୍ଲକ ବଡ଼ଗଡ଼ ଥାନା ଏକଲପୁର ଗ୍ରାମ ନିକଟ କେଶବ ତୋଟାପାଖ ବିଲରୁ ବୋରସିଂର ନୀଳାଞ୍ଚଳ ପ୍ରଧାନ (୨୩)ଙ୍କ ମୃତଦେହ ଗୁରୁବାର ପୋଲିସ ଉଦ୍ଧାର କରିଥିଲା। ମୃତଦେହର ଗଣ୍ଡି ଧାନ ବିଲରୁ ଓ ୫୦ ଫୁଟ ଦୂର ବୁଦା ମୂଳରୁ ମୁଣ୍ଡ ମିଳିଥିଲା। ନୀଳାଞ୍ଚଳଙ୍କ ଦାଦା ଭାସ୍କରଙ୍କ ଏତଲାକ୍ରମେ ହତ୍ୟା ମାମଲା (ନଂ.୨୧୦/୨୦) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ପରକୀୟା ପ୍ରୀତିରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସ୍ପଷ୍ଟ କରିବା ସହ ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏକଲପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ଶିବ ଗୌଡ, ତାଙ୍କ ସ୍ତ୍ରୀ ଆରତି ଓ ଶିବଙ୍କ ଭିଣୋଇ ଅରଖଡିହ ଗ୍ରାମର ଶିବ ଗୌଡ ବୋଲି ବଡ଼ଗଡ଼ ଥାନା ପରିସରରେ ରବିବାର ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ୨ ବର୍ଷ ତଳେ ଶିବ ବୋରସିଂର ଆରତିଙ୍କୁ ବିବାହ କରିଥିଲେ। ବିବାହ ପୂର୍ବରୁ ନୀଳାଞ୍ଚଳଙ୍କ ସହ ଆରତିଙ୍କର ସମ୍ପର୍କ ଥିଲା। ଏକଥା ଶିବ ଜାଣିବା ପରେ ବହୁବାର ସ୍ତ୍ରୀଙ୍କୁ ଏଥିରୁ ନିବୃତ୍ତ ରହିବାକୁ କହୁଥିଲେ, ମାତ୍ର ସେ ମାନୁ ନ ଥିଲେ। ଗତ ମାସ ୨୯ ତାରିଖରେ ଏହାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ନୀଳାଞ୍ଚଳଙ୍କୁ ଫୋନ୍ କରି ଡାକିବାକୁ ଶିବ ଆରତିଙ୍କୁ ବାଧ କରିଥିଲେ। ସେ ଫୋନ୍ କରି ଡାକିବାରୁ ରାତିରେ ନୀଳାଞ୍ଚଳ ବାଇକ ଯୋଗେ ଏକଲପୁର ଯାଇଥିଲା। ଗାଁ ପୂର୍ବରୁ କେଶବ ତୋଟା ନିକଟରେ ଶିବ, ସ୍ତ୍ରୀ ଆରତି ଓ ଭିଣୋଇ ଅରଖଡିହର ଶିବ ଜଗି ରହିଥିଲେ। ନୀଳାଞ୍ଚଳ ସେଠାରେ ପହଞ୍ଚିବା ପରେ ଶିବ ଏକ କାତିରେ ତାଙ୍କ ବେକକୁ ଚୋଟ ପକାଇଥିଲେ। ମୁଣ୍ଡକୁ ଶରୀରରୁ ଅଲଗା କରି ବୁଦା ମୂଳକୁ ଫିଙ୍ଗି ଦେବା ସହ ଗଣ୍ଡିକୁ ଧାନ ବିଲରେ ପକାଇ ଦେଇଥିଲେ। ପରେ ୩ ଜଣ ଯାକ ଗ୍ରାମ ନିକଟ ଜଙ୍ଗଲରେ ଯାଇ ଲୁଚିଥିଲେ। ମୃତଦେହ ଉଦ୍ଧାର ପରେ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ଥାନା ଅଧିକାରୀ ପ୍ରତାପ କୁମାର ତ୍ରିପାଠୀ, ଏସ୍‌ଆଇ ଦେବଦତ୍ତ ପ୍ରିୟଦର୍ଶୀଙ୍କୁ ନେଇ ଗଠିତ ଟିମ୍ ତଲାସି ଆରମ୍ଭ କରିଥିଲେ। ସୂଚନା ପାଇ ଶନିବାର ରାତିରେ ନିକଟସ୍ଥ ଜଙ୍ଗଲରେ ଚଢାଉ କରି ୩ ଅଭିଯୁକ୍ତଙ୍କୁ ଧରିଥିଲେ। ମୁଖ୍ୟ ଅଭିଯୁକ୍ତ ଶିବ ସ୍ତ୍ରୀଙ୍କ ଦ୍ୱାରା ଫୋନ୍ କରି ଡାକି ନୀଳାଞ୍ଚଳଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା। ଘଟଣାରେ ବ୍ୟବହୃତ କାତି ଜବତ ହୋଇଛି।

## ମା' ହତ୍ୟାକାରୀ ପୁଅ ଗିରଫ

**ଫୁଲବାଣୀ ଅଫିସ,୨।୮**

କନ୍ଧମାଳ ଜିଲା ସଦର ଥାନା ପୋଲିସ ମା'ଙ୍କୁ ହତ୍ୟା କରି ଫେରାର ଥିବା ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବିଶିପଡା ପଞ୍ଚାୟତ ମାଝିପଦରର ଭାଗିରଥୀ ବେହେରା। ସୂଚନା ଅନୁଯାୟୀ ଗତ ୨୬ ତାରିଖ ରାତିରେ ସାମାନ୍ୟ ମୋଟରସାଇକଲ ମରାମତିକୁ ନେଇ ଭାଗିରଥୀଙ୍କ ସହ ତାଙ୍କ ଭଣଜା ଶାନ୍ତନୁଙ୍କର ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଭାଗିରଥୀ ଭଣଜାଙ୍କୁ ଆକ୍ରମଣ କରିଥିଲେ। ମା' ଉର୍ମିଳା ଓ ଭଉଣୀ ବୃନ୍ଦାବତୀ ଭାଗିରଥୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଭାଗିରଥୀ ମା'ଙ୍କ ପେଟରେ ଛୁରି ଭୁସି ଦେଇଥିଲେ। ପୋଲିସ୍ ପହଞ୍ଚି ସମସ୍ତଙ୍କୁ ଡାକ୍ତରଖାନା ପଠାଇଥିବା ବେଳେ ଡାକ୍ତର ଉର୍ମିଳାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନଂ.୬୭/୨୦ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଆଦିତ୍ୟ ସେଠୀ ସୂଚନା ଦେଇଛନ୍ତି।

## କଣ୍ଟେନ୍‌ମେଣ୍ଟ ନିୟମ ଉଲ୍ଲଂଘନ: ୭ ଅଟକ

**ଫୁଲବାଣୀ ଅଫିସ,୨।୮**

ଫୁଲବାଣୀ ସହରକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। କେନ୍ଦୁପଦର ଠାରେ ଜଣେ ଡାକ୍ତରଙ୍କ ଘର ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ ପାଇବା ପରେ ଉପଜିଲାପାଳ ଓ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ପହଞ୍ଚି କାମ ବନ୍ଦ କରାଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଟାଉନଥାନା ପୋଲିସ୍ ୨ ମିସ୍ତ୍ରି ଓ ୫ ଶ୍ରମିକଙ୍କୁ ଥାନାକୁ ଆଣିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସେମାନଙ୍କୁ ଜରିମାନା କରି ଛାଡି ଦେଇଛନ୍ତି।

# ଚିନ୍ତାରେ ବସ୍ ମାଲିକ, କର୍ମଚାରୀ

- କିସ୍ତି ଶୁଝିବାକୁ ଫାଇନାନ୍ସ କମ୍ପାନୀର ଧମକ
- ସରକାରୀ ସହାୟତା ଦାବି କଲେ କର୍ମଚାରୀ

**ଜି.ଉଦୟଗିରି,୨।୮(ଡି.ଏନ୍.ଏ.)**

କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାବେଳେ ସରକାର ବାରମ୍ବାର ଲକ୍‌ଡାଉନ, ଶଟ୍‌ଡାଉନ ଘୋଷଣା କରୁଛନ୍ତି। ଜୀବନ ବଞ୍ଚାଇବା ପାଇଁ ସରକାର ଉଦ୍ୟମ କରୁଥିବାବେଳେ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ବିପନ୍ନ ହୋଇପଡିଛି। ୫ ମାସ ହେବ ବସ୍ ବନ୍ଦ ଯୋଗୁ ହଜାର ହଜାର କର୍ମଚାରୀ ଜୀବିକା ହରାଇଛନ୍ତି। ବସ୍ ମାଲିକମାନେ ମଧ ଚିନ୍ତାରେ।

ଏ ସମ୍ପର୍କରେ ଜି.ଉଦୟଗିରି ସହରର ବସ୍ ମାଲିକ ଶିବ ପଣ୍ଡା କୁହନ୍ତି, ବସ୍ ଚଳାଚଳ ବନ୍ଦ ଯୋଗୁ ୫ ମାସ ହେବ ୧୦ଟି ବସ୍ ଷ୍ଟାଣ୍ଡରେ ପଡ଼ି ରହିଛି। ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବେ ବେକାର। ଏହି ପରିସ୍ଥିତିରେ ପୁଣି ଫାଇନାନ୍ସ କମ୍ପାନୀମାନେ କିସ୍ତି ପାଇଁ ବାରମ୍ବାର ଫୋନ୍ କରୁଛନ୍ତି। ବସ୍‌ଷ୍ଟାଣ୍ଡରେ ଥିବା ବସ୍‌ଗୁଡ଼ିକୁ ଜଗିବାକୁ ୨ଜଣ କର୍ମଚାରୀ ନିୟୋଜିତ କରିଛି। ସେମାନଙ୍କୁ ଦରମା ଦେବା ମଧ କଷ୍ଟ ହେଉଛି। ନିଜେ ବଞ୍ଚିବା ପାଇଁ ଗୋଟିଏ ପରିବା ଦୋକାନ କରିବି। ସବୁ ବସ୍ ମାଲିକଙ୍କ ଅବସ୍ଥା ଖରାପ ବୋଲି ସେ କହିଛନ୍ତି। ବସ୍ ଚାଲିଲେ ଡ୍ରାଇଭର, କଣ୍ଡକ୍ଟର, ହେଲପର ସମେତ ବିଭିନ୍ନ ସହରର ହକରମାନେ ଚଳୁଥିଲେ। ବନ୍ଦ ହୋଇଯିବା ପରେ ସେମାନେ ଜୀବିକା ହରାଇଛନ୍ତି। ଏପରିକି ଅନେକେ ଭୋକ ଉପାସରେ ଦିନ କାଟୁଛନ୍ତି।


ଷ୍ଟାଣ୍ଡରେ ୫ ମାସ ହେବ ପଡ଼ି ରହିଛି ବସ୍।

ଜି.ଉଦୟଗିରି ଧବଳେଶ୍ୱର ଘରୋଇ ମଟର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଅନିଲ କୁମାର ଦଳ ବେହେରାଙ୍କ କହିବା ଅନୁଯାୟୀ, ୫ ମାସ ହେବ ବସ୍ ବନ୍ଦ ଯୋଗୁ ତାଙ୍କ ସଂଘର ୧୦୦ରୁ ଅଧିକ ସଦସ୍ୟଙ୍କ ଅବସ୍ଥା ଶୋଚନୀୟ। ସରକାରଙ୍କ କୌଣସି ସାହାଯ୍ୟ କିମ୍ବା ସହଯୋଗ ନାହିଁ। ବସ୍ କର୍ମଚାରୀମାନଙ୍କୁ ଚିହ୍ନଟ କରି ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ସେ ଦାବି କରିଛନ୍ତି। ବସ୍ ଚଳାଚଳ ସ୍ୱାଭାବିକ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସରକାରଙ୍କ ତରଫରୁ ମାସକୁ ମାସ କିଛି ଆର୍ଥିକ ସହାୟତା ଦିଆଯାଉ ବୋଲି କହିଛନ୍ତି ସଂଘର ବରିଷ୍ଠ ସଦସ୍ୟ ବଳରାମ ତ୍ରିପାଠୀ।

ବସ୍ ଚାଲିବା ପର୍ଯ୍ୟନ୍ତ କିସ୍ତି ଛାଡ଼ ସହ ରୋଡ ଟ୍ୟାକ୍ସ ସମ୍ପୂର୍ଣ୍ଣ ଛାଡ଼, ବୀମାରାଶି ସରକାର ବହନ କରନ୍ତୁ ଏବଂ ଏହି ୫ ମାସର ସୁଧ ଟଙ୍କା ସମ୍ପୂର୍ଣ୍ଣ ଛାଡ଼ କରାଯାଉ ବୋଲି ବହୁ ମାଲିକ ଦାବି କରିଛନ୍ତି।

କେବଳ ବସ୍ କାହିଁକି ଅଟୋ ଓ ଚାରିଚକିଆ ଛୋଟ ଯାନର ମାଲିକମାନଙ୍କର ମଧ ସମାନ ଅବସ୍ଥା। ତେଣୁ ସରକାର ଜୀବନ ବଞ୍ଚାଇବା ପାଇଁ ଚେଷ୍ଟା କରିବା ସହିତ ଜୀବିକା ସୁରକ୍ଷିତ ରଖିବାକୁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ, ନଚେତ୍ ଅନେକ ମଧ୍ୟବିତ୍ତ ଜୀବିକା ହରାଇଲେ ଜୀବନ ସଙ୍କଟରେ ପଡ଼ିଯିବ।

